# NATIONAL NEWS BULLETIN (ODIA)

**9 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ହର୍ ଘର୍ ତିରଙ୍ଗା ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି ।

- ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ଅବସରରେ ଦେଶବ୍ୟାପୀ ଆୟୋଜନ କରାଯିବ ବନ୍ଦେ ମାତରମ୍ ସାମୁହିକ ଗାନ ।

- ନାଗରିକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ନୂତନ ଅପରାଧିକ ଆଇନ୍‌ର ଉଦ୍ଦେଶ୍ୟ - କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ।

- ଦେଶର ୪ଟି ହାଇକୋର୍ଟ ପାଇଁ ନିଯୁକ୍ତ ହେଲେ ୩୦ଜଣ ବିଚାରପତି ।

ଏବଂ

- କୋରିଆ ମାଷ୍ଟର୍ସ ୨୦୨୬ ବ୍ୟାଡମିଣ୍ଟନ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କଲେ ଭାରତର ଅସ୍ମିତା ଚାଲିହା ।

---

## ହର ଘର ତିରଙ୍ଗା

ହର ଘର ତିରଙ୍ଗା ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି । ୧୭ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ । ଦେଶପ୍ରେମ, ଜାତୀୟ ଏକତା, ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ସହ ଜାତୀୟ ପତାକା ଉତ୍ତୋଳନରେ ନାଗରିକଙ୍କୁ ଉତ୍ସାହିତ କରିବା ଏହି ଅଭିଯାନର ମୂଳଲକ୍ଷ୍ୟ ।

୨୦୨୨ ମସିହାରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନର ଅଂଶ ଭାବେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା । ଭାରତର ସବୁଠାରୁ ଜନ ଭାଗିଦାରୀ ଅଭିଯାନ ମଧ୍ୟରୁ ଏହା ଅନ୍ୟତମ । ବିଭିନ୍ନ ଅଞ୍ଚଳ ଏବଂ ସଂପ୍ରଦାୟର ନାଗରିକଙ୍କୁ ଦେଶର ଏକତା, ସମ୍ମାନ ଓ ସାମୂହିକ ଜାତୀୟ ପରିଚୟର ପ୍ରତୀକ ତ୍ରିରଙ୍ଗାକୁ ସମ୍ମାନ ପ୍ରଦର୍ଶନ କରିବା ଏହି ଅଭିଯାନ ପ୍ରେରଣା ଯୋଗାଇଥାଏ । ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ସହିତ ଚଳିତବର୍ଷ ଏହି ଅଭିଯାନ ବିଶେଷ ଗୁରୁତ୍ୱ ବହନ କରୁଛି । ଏହି ଅବସରରେ ଦେଶବ୍ୟାପୀ ବନ୍ଦେ ମାତରମ୍ ସାମୂହିକ ଗାନର ଆୟୋଜନ କରାଯିବ । ସଂସ୍କୃତି ମନ୍ତ୍ରଣାଳୟ ଦେଶବାସୀଙ୍କୁ ଏହି ଅଭିଯାନରେ ସାମିଲ ହୋଇ ଘରେ ଘରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ବନ୍ଦେ ମାତରମ୍ ଗାନ କରିବାକୁ ଆହ୍ୱାନ ଦିଆଯାଇଛି । ୨୦୦ରୁ ଅଧିକ ଭାରତୀୟ ଦୂତାବାସ ଏବଂ କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟ ଏହି ଅଭିଯାନକୁ ପାଳନ କରିବା ପାଇଁ ସ୍ୱତନ୍ତ୍ର ଆୟୋଜନ କରିଛି । ଚଳିତବର୍ଷ ଏହି ଅଭିଯାନର ପ୍ରମୁଖ ଆକର୍ଷଣ ହେବ ସୂର୍ଯ୍ୟପଥ ତ୍ରିରଙ୍ଗା ଡିଜିଟାଲ ର୍‍ୟାଲି । ଏଥିରେ ବିଶ୍ୱର ବିଭିନ୍ନ ଅଞ୍ଚଳରେ ସୂର୍ଯ୍ୟୋଦୟ କ୍ରମ ଅନୁଯାୟୀ ମନୋନୀତ ହୋଇଥିବା ୫୪ଟି ଭାରତୀୟ ମିଶନ ଏବଂ ପୋଷ୍ଟ ଅଂଶଗ୍ରହଣ କରିବେ । ଆସନ୍ତା ୧୫ ତାରିଖରେ ଫିଜିରେ ଭାରତର ପୂର୍ବଭାଗ କୂଟନୈତିକ ମିଶନରୁ ଆରମ୍ଭ ହୋଇ ସାନ୍ ଫ୍ରାନ୍ସିସକୋସ୍ଥିତ ଭାରତର କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟରେ ଏହି ର୍‍ୟାଲି ଶେଷ ହେବ ।

ସ୍ୱାଧୀନତା ଦିବସ ପାଳନର ଏକ ଅଂଶ ଭାବେ ଆସନ୍ତା ୧୪ତାରିଖରୁ ଦେଶବ୍ୟାପୀ ବିଭାଜନ ସ୍ମୃତି ଦିବସ ପାଳନ କରାଯିବ । ଭାରତ ବିଭାଜନ ଯୋଗୁଁ ହୋଇଥିବା ଦୁଃଖ ଏବଂ ବିସ୍ଥାପନକୁ ସ୍ମରଣ କରି ଏହି ଦିବସ ପାଳନ କରାଯିବ । ଏହି ଅବସରରେ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ନୀରବ ଶୋଭାଯାତ୍ରା, ବିଭାଜନ ସମ୍ପର୍କିତ ପ୍ରଦର୍ଶନୀ, ତଥ୍ୟଭିତ୍ତିକ ଡକ୍ୟୁମେଣ୍ଟାରୀ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ଅମିତ ଶାହା–ପୁଡୁଚେରୀ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଉପନିବେଶବାଦୀ ଆଇନ୍‌ର ଅବସାନ ଘଟାଇ ୩ଟି ନୂତନ ଅପରାଧିକ ଆଇନ୍ ପ୍ରଚଳନ କରିଛନ୍ତି । ଯାହାକି ୩ଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ପ୍ରଯୁକ୍ତିବିଦ୍ୟା, ସମୟବଦ୍ଧ ଏବଂ ବିଶ୍ୱାସ ଉପରେ ଆଧାରିତ । ଶ୍ରୀ ଶାହା କହିଛନ୍ତି ନୂତନ ଅପରାଧିକ ଆଇନ୍‌ର ଉଦ୍ଦେଶ୍ୟ ହେଉଛି ଅଧିକ ପ୍ରଯୁକ୍ତିବିଦ୍ୟା ଆଧାରିତ ଏବଂ ସମୟବଦ୍ଧ ପ୍ରଣାଳୀ ମାଧ୍ୟମରେ ନାଗରିକମାନଙ୍କ ପାଇଁ ନ୍ୟାୟକୁ ସୁନିଶ୍ଚିତ କରିବା ।

**V/O**

ଶ୍ରୀ ଶାହା ପୁଡୁଚେରୀସ୍ଥିତ ଗୋରୀମେଡୁ ପୁଲିସ ଟ୍ରେନିଂ ସ୍କୁଲରେ ଆୟୋଜିତ ରାଷ୍ଟ୍ରପତି ପୁଲିସ ଧ୍ୱଜ ପ୍ରଦାନ ଉତ୍ସବରେ ଯୋଗଦେବା ଅବସରରେ ଏହା କହିଛନ୍ତି । ଆଜି ସ୍ୱରାଷ୍ଟ୍ରମନ୍ତ୍ରୀ ପୁଡୁଚେରୀର ମୁରୁଗାଠାରେ ହରଘର ତିରଙ୍ଗା ଯାତ୍ରାରେ ଯୋଗଦେବେ । ପୁଡୁଚେରୀ ପୁଲିସକୁ ଅଭିନନ୍ଦନ ଜଣାଇ ଶ୍ରୀ ଶାହା କହିଛନ୍ତି ରାଷ୍ଟ୍ରପତିଙ୍କ ପୁଲିସ ଧ୍ୱଜ

ଗ୍ରହଣ କରିବା ଏକ ଗର୍ବର ବିଷୟ ଏବଂ ଏହା ପୁଲିସ ମାନଙ୍କର ଶୃଙ୍ଖଳାଗତ ଜୀବନକୁ ଦର୍ଶାଉଛି ।

**V/O**

ଶ୍ରୀ ଶାହା କହିଛନ୍ତି ପୁଡୁଚେରୀ ପୁଲିସ ୫ହଜାର କର୍ମଚାରୀଙ୍କୁ ନେଇ ସୁଦୃଢ଼ ହୋଇଛି । ସେମାନେ ଆନ୍ତଃ ସୁରକ୍ଷା ସହ ଏହି କେନ୍ଦ୍ରଶାସିତ ଅଞ୍ଚଳର ସମ୍ମାନ ଏବଂ ଗରିମାକୁ ରକ୍ଷାକରିବା ଦିଗରେ ପ୍ରୟାସ ଜାରି ରଖିଛନ୍ତି । ରାଷ୍ଟ୍ରପତି ପୁଲିସ ଧ୍ୱଜ ଦ୍ୱାରା ସମ୍ମାନିତ ହେବାରେ ପୁଡୁଚେରୀ ଦେଶର ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଅଷ୍ଟାଦଶତମ ସ୍ଥାନ ଅଧିକାର କରିଛି । ପୁଡୁଚେରୀ ଉପରାଜ୍ୟପାଳ କେ କୈଳାସ ନାଥ, ମୁଖ୍ୟମନ୍ତ୍ରୀ ଏନ୍ ରଙ୍ଗାସ୍ୱାମୀ, ଗୃହମନ୍ତ୍ରୀ ଏ ନମୋଶିବାୟମ ଏବଂ ପୁଲିସ ମହାନିର୍ଦ୍ଦେଶକ ଶାଳିନୀ ସିଂହ ଏହି ଅବସରରେ ଉପସ୍ଥିତ ଥିଲେ ।

## ହାଇକୋର୍ଟ ଜଜେସ୍

ଦେଶର ୪ଟି ହାଇକୋର୍ଟରେ ୩୦ଜଣ ବିଚାରପତିଙ୍କ ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତି କେନ୍ଦ୍ର ସରକାର ଜାରି କରିଛନ୍ତି । ମାଡ୍ରାସ, କଲିକତା, ମଧ୍ୟପ୍ରଦେଶ ଏବଂ କର୍ଣ୍ଣାଟକ ହାଇକୋର୍ଟର ଖାଲିପଡିଥିବା ପଦବୀ ଗୁଡ଼ିକର ପୂରଣ ନେଇ ଏହି ନୂତନ ନିଯୁକ୍ତି କରାଯାଇଛି । ପ୍ରଧାନବିଚାରପତି ଓ ସୁପ୍ରିମକୋର୍ଟଙ୍କ କଲିଜିୟମ ପରାମର୍ଶ ଆଧାରରେ ରାଷ୍ଟ୍ରପତି ଏହି ନିଯୁକ୍ତିକୁ ଅନୁମୋଦନ ପ୍ରଦାନ କରିଛନ୍ତି । ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟ ଦ୍ୱାରା

ବିଜ୍ଞପ୍ତି ଅନୁଯାୟୀ ୨୦ଜଣ ଆଇନ୍‌ଜୀବୀ ଏବଂ ୧୦ଜଣ ନ୍ୟାୟିକ ଅଧିକାରୀ ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତ ହୋଇଛନ୍ତି । ସେଥିମଧ୍ୟରୁ ମାଡ୍ରାସ୍ ହାଇକୋର୍ଟରେ ୧୫ଜଣ, କଲିକତା ହାଇକୋର୍ଟରେ ୮ଜଣ, କର୍ଣ୍ଣାଟକ ହାଇକୋର୍ଟରେ ୬ଜଣ ଏବଂ ମଧ୍ୟପ୍ରଦେଶ ହାଇକୋର୍ଟରେ ଜଣେ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି । ଶପଥଗ୍ରହଣ କରିବା ପରଠାରୁ ଏହି ନବନିଯୁକ୍ତ ବିଚାରପତି ଦାୟିତ୍ୱ ଗ୍ରହଣ କରିବେ । ଏହି ନିଯୁକ୍ତି ଫଳରେ ବିଚାର ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହେବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି ।

## ଅଗଷ୍ଟକ୍ରାନ୍ତି ଦିବସ

ଦେଶପାଇଁ ଅସୀମ ତ୍ୟାଗ ଓ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରି ଭାରତଛାଡ ଆନ୍ଦୋଳନର ସ୍ମୃତି ଉଦ୍ଦେଶ୍ୟରେ ଆଜିର ଦିନକୁ ଦେଶବ୍ୟାପୀ ଅଗଷ୍ଟ କ୍ରାନ୍ତିଦିବସ ଭାବେ ପାଳନ କରାଯାଉଛି । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଆରମ୍ଭ ହୋଇଥିବା ଭାରତଛାଡ ଆନ୍ଦୋଳନ ଦେଶର ଇତିହାସର ଦିଗ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଇଂରେଜ ସରକାରଙ୍କ ବିରୁଦ୍ଧରେ ଭାରତଛାଡ ଆନ୍ଦୋଳନ ଏକ ସର୍ବଭାରତୀୟ ଆନ୍ଦୋଳନରେ ପରିଣତ ହୋଇ କ୍ରାନ୍ତିର ରୂପ ନେଇଥିଲା । ମୁମ୍ବାଇର ଅଗଷ୍ଟକ୍ରାନ୍ତି ପଡ଼ିଆରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ମନେ ପକାଇ ଅଗଷ୍ଟ ୯ ତାରିଖକୁ ଅଗଷ୍ଟ କ୍ରାନ୍ତିଦିବସ ଭାବେ ପାଳନ କରାଯାଇଥାଏ ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତଛାଡ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକୃଷ୍ଣନ କହିଛନ୍ତି ମହାତ୍ମାଗାନ୍ଧୀଙ୍କ 'କର ବା ମର' ଆହ୍ୱାନରୁ ପ୍ରେରଣା ପାଇ ସ୍ୱାଧୀନତା ସଂଗ୍ରାମ ଦେଶକୁ ଏକତ୍ରିତ କରିଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଭାରତଛାଡ ଆହ୍ୱାନ ଦେଶର ସ୍ୱାଧୀନତା ସଂଗ୍ରାମରେ ନୂତନ ଶକ୍ତି ସଞ୍ଚାର କରିଥିଲା । ଉପନିବେଶବାଦୀ ଶାସନରୁ ମୁକ୍ତି ପାଇଁ ଏହି ଆହ୍ୱାନ ଲୋକଙ୍କ ଅଟଳ ସଂକଳ୍ପକୁ ପ୍ରତିଫଳନ କରିଥିଲା ବୋଲି ଶ୍ରୀ ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି ।

## ଓଡ଼ିଶା ଫ୍ଲଡ

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ବାଲେଶ୍ୱରର ଜଳକା ଏବଂ ଭଦ୍ରକରେ ବୈତରଣୀ ଓ ସାଳନ୍ଦୀ ନଦୀର ଜଳସ୍ତର ବୃଦ୍ଧି ପାଉଥିବା ଜଣାପଡିଛି । ହୀରାକୁଦ ଜଳଭଣ୍ଡାରର ୧୨ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ଛଡାଯାଉଛି । ଅଧିକ ବର୍ଷା ନେଇ ପାଣିପାଗ ବିଭାଗର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବିଭିନ୍ନ ତଳିଆ ତଥା ନଦୀ ଉପକୂଳ ଅଞ୍ଚଳ ଗୁଡ଼ିକରେ ତୀକ୍ଷ୍ଣ ନଜର ରଖାଯାଇଛି । ଏବେ ମଧ୍ଯ ରାଜ୍ୟର

କେତେକ ତଳିଆ ଅଞ୍ଚଳ ଜଳମଗ୍ନ ହୋଇ ରହିଥିବାବେଳେ ବହୁ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି ।

## ବ୍ୟାଡମିଣ୍ଟନ କୋରିଆ ମାଷ୍ଟର୍ସ

ଭାରତର ଅସ୍ମିତା ଚଲିହା କୋରିଆ ମାଷ୍ଟର୍ସ ୨୦୨୬ ବ୍ୟାଡମିଣ୍ଟନ ମହିଳା ଏକକ ବର୍ଗରେ ଟାଇଟଲ ହାସଲ କରିଛନ୍ତି । ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଅସ୍ମିତା ଚୀନ୍‌ର ପ୍ରତିଦ୍ୱନ୍ଦ୍ୱି ହାନ୍ କ୍ୱାନ୍ ସିଙ୍କୁ ୧୪-୨୧, ୨୧-୧୪ ଏବଂ ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି । ଗତକାଲି ସେମିଫାଇନାଲରେ ଭାରତୀୟ ଖେଳାଳି ରକ୍ଷିତା ରାମରାଜଙ୍କୁ ୨୧-୧୩, ୧୬-୨୧ ଏବଂ ୨୧-୧୩ ସେଟ୍‌ରେ ପରାସ୍ତ କରି ଅସ୍ମିତା ଫାଇନାଲ ପର୍ଯ୍ୟାୟରେ ପହଞ୍ଚିଥିଲେ ।

## ଆଥ୍‌ଲେଟିକ୍ ଚାମ୍ପିୟନସିପ୍

୨୦ ବର୍ଷରୁ କମ୍ ବିଶ୍ୱ ଆଥ୍‌ଲେଟିକ ଚାମ୍ପିୟନସିପ୍‌ରେ ଭାରତର ପଦକ ସଂଖ୍ୟା ୩କୁ ବୃଦ୍ଧି ପାଇଛି । ଭାରତର ବସନ୍ତ କୁମାର ମେଘୱାଲ ହାଇଜମ୍ପରେ ରୌପ୍ୟପଦକ ଜିତିଛନ୍ତି । ଆଜି ମଧ୍ୟ ଭାରତର ଶାହାନୱାଜ ଖାନ୍ ଲଙ୍ଗଜମ୍ପରେ ବ୍ରୋଞ୍ଜ ପଦକ ଜିତିଛନ୍ତି । ପୁରୁଷବର୍ଗ ହାଇଜମ୍ପରେ ୧୯ବର୍ଷୀୟ ମେଘୱାଲ ୨ ଦଶମିକ ୨/୧ ମିଟର ଡେଇଁ ନିଜର ଶ୍ରେଷ୍ଠତ୍ୱ

ପ୍ରତିପାଦନ କରିଥିଲେ । ଏହି ସଫଳତା ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ । ଆଲ୍‌ଜେରିଆର ୟୁନସ ଆୟାଚି ସ୍ୱର୍ଣ୍ଣପଦକ ଜିତିଥିବାବେଳେ ଇଂଲଣ୍ଡର ଓଡିସ୍ ପୋଲେ ବ୍ରୋଞ୍ଜ ପଦକ ଜିତିଛନ୍ତି । ପୁରୁଷ ଲଙ୍ଗଜମ୍ପରେ ଶାହାନୱାଜ ଖାନ୍ ୭ ଦଶମିକ ୮/୪ ମିଟର ଦୂରତ୍ୱ ଅତିକ୍ରମ କରିଛନ୍ତି । ଇଟାଲୁର ଡାନିଏଲ ଇଞ୍ଜୋଲି ସ୍ୱର୍ଣ୍ଣପଦକ ଜିତିଥିବାବେଳେ ଅଷ୍ଟ୍ରେଲିଆର ମାସନ୍ ମାକ୍‌ଗ୍ରୋଡର ରୌପ୍ୟ ପଦକ ଜିତିଛନ୍ତି । ପୂର୍ବରୁ ଭାରତର ଆଶିଷ ଯାଦବ ଜାଭ୍‌ଲିନ୍ ଥ୍ରୋରେ ରୌପ୍ୟପଦକ ଜିତିଥିଲେ ।

# ଆଇଏମ୍‌ଡି ଓ୍ୱେଦର

ଉତ୍ତରାଖଣ୍ଡ ଏବଂ ଛତିଶଗଡରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ରାଜସ୍ଥାନ, ହିମାଚଳପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ଆସାମ, ମେଘାଳୟ ଏବଂ ଛତିଶଗଡରେ ମଧ୍ୟ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଅନ୍ୟପକ୍ଷରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ବିହାର, ଜାମ୍ମୁକାଶ୍ମୀର, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ବିଜୁଳି, ଘଡଘଡି ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି ।